# ଡକ୍ଟର ଜାଫ୍ରାନ କେଶରୀ ରାୟ

ଅନେକ ଧରଣର ଅଧିକ ଅମଳକ୍ଷମ ଓ ରୋଗପୋକ ବିରୋଧୀ ଧାନର ସ୍ରଷ୍ଟା ଭାବେ ଡକ୍ଟର ଜାଫ୍ରାନ କେଶରୀ ରାୟ ସାରା ଭାରତରେ ସୁପରିଚିତ । କଟକ ଜିଲ୍ଲା



ନିଆଳି ଅଞ୍ଚଳର ବଗାଲୋଗଡ଼ରେ ୧୯୩୮ ମସିହା ଡିସେମ୍ବର ମାସ ୧୭ ତାରିଖରେ ତାଙ୍କର ଜନ୍ମ । ରେଭେନ୍ସା ମହାବିଦ୍ୟାଳୟରୁ ଉଦ୍ଭିଦବିଜ୍ଞାନରେ ବି.ଏସ୍‌ସି. (ଅନର୍ସ) ଓ ଏମ୍.ଏସ୍‌ସି. ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୬୪ରେ ପିଏଚ୍.ଡି. ଡିଗ୍ରୀ ସେ ହାସଲ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ଅଧ୍ୟାପନା ଆରମ୍ଭ କରି ଓୟୁଏଟି ଓ ରେଭେନ୍ସା ମହାବିଦ୍ୟାଳୟରେ ଅଳ୍ପ କିଛି ସମୟ କଟାଇ କଟକର କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରେ ଆସିଷ୍ଟାଣ୍ଟ ବଟାନିଷ୍ଟ ଭାବେ ୮ ବର୍ଷ ଅତିବାହିତ କରିଛନ୍ତି । ତାପର ଚାରିବର୍ଷ ଓୟୁଏଟିରେ 'ରାଇସ୍ ବ୍ରିଡର' ଭାବେ କାର୍ଯ୍ୟ କଲାପରେ ୧୯୭୫ରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରକୁ ସାଇଣ୍ଟିଷ୍ଟ ଏସ୍-୧ ଭାବେ ଫେରି ଆସି ସେଠାରେ ୧୯୯୮ ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଅଛନ୍ତି । କେନ୍ଦ୍ରର ପ୍ରମୁଖ ବୈଜ୍ଞାନିକ ଏବଂ 'ପ୍ଲାଣ୍ଟ ବ୍ରିଡିଂ ଓ ଜେନିଟିକ୍ସ' ବିଭାଗର ମୁଖ୍ୟ ଭାବେ ଦୀର୍ଘ ସମୟ ଦାୟିତ୍ୱ ନିର୍ବାହ କରି କେନ୍ଦ୍ରର ସଂଯୁକ୍ତ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଛନ୍ତି ।

ଡକ୍ଟର ରାୟ ୪୬ ବର୍ଷରୁ ଅଧିକକାଳ ଗବେଷଣା ଓ ବୃତ୍ତିଗତ କର୍ମରେ ସଂଶ୍ଳିଷ୍ଟ ରହିଛନ୍ତି । ୧୯୭୦ ରୁ ୧୯୯୬ ଭିତରେ ୧୨ଟି ଅଧିକ ଅମଳକ୍ଷମ ଓ ରୋଗପୋକ ନିରୋଧକ ଧାନ କିସମ ସୃଷ୍ଟି କରିଛନ୍ତି । ଭାରତରେ ସଂଘଟିତ ହୋଇଥିବା ସବୁଜ ବିପ୍ଳବକୁ ଏହା ତାଙ୍କର ମହନୀୟ ଅବଦାନ । ଏହି ଧାନ କିସମ ଭିତରେ ରହିଛି ରତ୍ନା, ସାକେତ-୪, ଶକ୍ତି, ସମଲେଇ, ହୀରା ଭଳି ବହୁ ଆଦୃତ ଧାନ । ଉଚ୍ଚ ମରୁଡ଼ିପ୍ରବଣ ଅଞ୍ଚଳ, ଜଳପ୍ଲାବିତ ଅଞ୍ଚଳ ଓ ଲୁଣିପାଣି ଅଞ୍ଚଳରେ ଧାନଚାଷର ବିକାଶ

ପାଇଁ ଡକ୍ଟର ରାୟ ବହୁ ଗୁରୁତ୍ୱପୂର୍ଣ୍ଣ ଗବେଷଣା କରିଛନ୍ତି । ଧାନର ଜିନୀୟ ବିବିଧତାର ସଂରକ୍ଷଣ ପାଇଁ ମଧ୍ୟ ସେ ବହୁ କାର୍ଯ୍ୟ କରିଛନ୍ତି । ପାଖାପାଖି ୭୦୦ ପ୍ରକାର ସ୍ଥାନୀୟ ଧାନ ଚିହ୍ନଟ କରି ସେସବୁର ସଂରକ୍ଷଣ ପାଇଁ ସେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଜାତୀୟ ଓ ଆନ୍ତର୍ଜାତିକ ଗବେଷଣା ପତ୍ରିକାମାନଙ୍କରେ ତାଙ୍କର ୮୦ ରୁ ଊର୍ଦ୍ଧ୍ୱ ନିବନ୍ଧ ପ୍ରକାଶିତ ଓ ଆଦୃତ ହୋଇଛି । ପିଏଚ୍.ଡି. ଗବେଷକଙ୍କୁ ଦିଗ୍‌ଦର୍ଶନ ଦେବା ସାଙ୍ଗକୁ ଫିଲିପାଇନ୍‌ସ, ଆମେରିକା, ରୁଷ, ଥାଇଲାଣ୍ଡ ପ୍ରଭୃତି ଦେଶରେ ବହୁ ଅନ୍ତର୍ଜାତିକ ସମ୍ମିଳନୀ ଓ କର୍ମଶାଳାରେ ଅଂଶ ଗ୍ରହଣ କରିଛନ୍ତି । ଜାତୀୟ ଓ ଆନ୍ତର୍ଜାତିକ ସ୍ତରୀୟ ବହୁ ବୃତ୍ତିଗତ ସଂସ୍ଥାର ସକ୍ରିୟ ସଦସ୍ୟ ରହିବା ସାଙ୍ଗକୁ ସଭାପତି ଆସନ ମଧ୍ୟ ଅଳଙ୍କୃତ କରିଛନ୍ତି ।

ଜଣେ କୃଷିବିଜ୍ଞାନୀ ଭାବେ ଡକ୍ଟର ରାୟ କୃଷକ ସମାଜ ଓ ସାଧାରଣ ଜନତାଙ୍କ ପାଇଁ ଓଡ଼ିଆ ଭାଷାରେ ବହୁସଂଖ୍ୟକ ଲୋକପ୍ରିୟ ବିଜ୍ଞାନଭିତ୍ତିକ ଲେଖା ଭିନ୍ନଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ପ୍ରକାଶ କରିଛନ୍ତି ଏବଂ ରେଡ଼ିଓ ଓ ଟେଲିଭିଜନ ମାଧ୍ୟମରେ ଆଲୋଚନା କରିଛନ୍ତି ।

ଡକ୍ଟର ରାୟଙ୍କ ଅନନ୍ୟ ପ୍ରତିଭାର ସ୍ୱୀକୃତି ସ୍ୱରୂପ ବହୁ ସମ୍ମାନ ତାଙ୍କୁ ପ୍ରଦାନ କରାଯାଇଛି । ତନ୍ମଧ୍ୟରୁ ୧୯୯୦ରେ ଡିଆର୍‌ଆର୍, ହାଇଦ୍ରାବାଦର ରୌପ୍ୟଜୟନ୍ତୀ ମେଡାଲ, ୧୯୯୨ରେ ଓଡ଼ିଶାର 'ବିଜ୍ଞାନ ଓ ପରିବେଶ ବିକାଶ ସମିତି' ତରଫରୁ ପ୍ରଥମ କୃଷକ ବନ୍ଧୁ ପୁରସ୍କାର, ୨୦୦୧ରେ 'ଓଡ଼ିଶା ବଟାନିକାଲ ସୋସାଇଟି' ପୁରସ୍କାର ଅନ୍ୟତମ ।

କୃଷିବିଜ୍ଞାନ କ୍ଷେତ୍ରରେ ଡକ୍ଟର ଜାହ୍ନବୀ କେଶରୀ ରାୟଙ୍କ ଅନବଦ୍ୟ ଅବଦାନର ସ୍ୱୀକୃତି ସ୍ୱରୂପ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ୨୦୧୦ ମସିହା ପାଇଁ ତାଙ୍କୁ "ବରିଷ୍ଠ ଓ ବରେଣ୍ୟ ବୈଜ୍ଞାନିକ" ଭାବେ ସମ୍ମାନିତ କରୁଛି ଏବଂ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି ।

***